# Akashvani, Sambalpur

## SAMBALPURI NEWS EVENING BULLETIN

## 17 February 2025- 7.02 pm- 7.12 pm.

**********************************************

୧- ବିଧାନ୍‌ସଭା ନ ୨୦୨୫-୨୬ ବଛର୍ ଲାଗି ୨ ଲାଖ୍ ୯୦ ହଜାର୍ କୋଟି ଟଙ୍କାର୍ ବଜେଟ୍ ଉପସ୍ଥାପନ୍ କଲେ ମୁଖ୍ୟମନ୍ତ୍ରୀ ।

୨- ଚାଷ୍ ଲାଗି ଇଥର ବଜେଟ୍‌ଥି ୩ ହଜାର୍ ୭ ଶହ ୮୦ କୋଟି ଟଙ୍କା ବ୍ୟୟବରାଦ୍ ।

- ଶହେ ୭୭ ଟା ବ୍ଲକ୍‌କେ ବଢ଼ାଯିବା ଶ୍ରୀଅନ୍ନ ଯୋଜ୍‌ନା ।

୩- ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ଲାଗି ୬ ହଜାର୍ ୨ ଶହ ୪୯ କୋଟି ଟଙ୍କା ବରାଦ୍ ।

ଆଉର୍

୪- ରାଏଜେ ଆଏବା ବୁଧବାର୍‌ନୁ ବର୍ଷାର୍ ଅନୁମାନ୍ କଲା ପାଣିପାଗ୍ ବିଭାଗ୍ ।

ମୁଖ୍ୟମନ୍ତ୍ରୀ-ପୂର୍ଣ୍ଣାଙ୍ଗ ବଜେଟ୍ ଆର୍ଏନ୍ୟୁ/ ସମ୍ବଲପୁର

ସପ୍ତଦଶ ବିଧାନସଭା ନ ଆଏଜ୍ ଅର୍ଥ ବିଭାଗ୍ ଦାୟିତ୍ୱେଥି ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୫-୨୬ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରିଛନ୍ । କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମାଂଚଲ୍ ଆର୍ ସହରାଂଚଲ୍ ବିକାଶ୍, ସଡ଼କ୍ ପରିବହନ୍, ଜଲ୍ସମ୍ପଦ୍, ଓଡ଼ିଆ ଅସ୍ମିତା ବାଗିର୍ କ୍ଷେତ୍ରର୍ ବିକାଶ୍ ଲାଗି ଇଥର୍ ବଜେଟ୍ଥି ୨ ଲାଖ୍ ୯୦ ହଜାର୍ କୋଟି ଟଙ୍କା ବ୍ୟୟ ବରାଦ୍ କରାଯାଇଛେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଚାଷ୍ ଲାଗି ଇଥର ବଜେଟ୍ଥି ୩ ହଜାର୍ ୭ ଶହ ୮୦ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଗଲାବଛର୍ଠାନୁ ଇଟା ୧୨ ପ୍ରତିଶତ୍ ଅଏତ୍କା ଆଏ । ମୁଖ୍ୟମନ୍ତ୍ରୀ କିଷାନ୍ ଯୋଜ୍ନାଥି ୨ ହଜାର୍ ୨୦ କୋଟି ଆର୍ ଫସଲ୍ ବିବିଧତାର୍ ପ୍ରସାର୍ ଲାଗି ୬ ଶହ ୯୫ କୋଟି ଟଙ୍କା ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ମିଲେଟ୍ ଶ୍ରୀଅନ୍ନ ଯୋଜ୍ନାକେ ଶହେ ୭୭ ଟା ବ୍ଲକ୍କେ ବଢ଼ାଯାଇଥିବାର୍ ବେଲେ ଇ ବଛର୍ ବଜେଟ୍ଥି ମିଲେଟ୍ର ଏମ୍ଏସ୍ପିକେ ୪ ହଜାର୍ ୨ ଶହ ୯୦ ଟଙ୍କାନୁ ବଢ଼େଇକରି ୪ ହଜାର୍ ୪ ଶହ ୯୦ ଟଙ୍କା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପ୍ରଧାନ୍ମନ୍ତ୍ରୀ ଫସଲ୍ବୀମା ଯୋଜ୍ନାଥି ୬ ଶହ ୫୦ କୋଟି ଟଙ୍କା ଆର୍ ସମୃଦ୍ଧ କୃଷକ୍ ଯୋଜ୍ନାଥି ୬ ହଜାର୍ କୋଟି ଟଙ୍କା ରାଜ୍ୟ ସର୍କାର୍ ଖର୍ଚ୍ଚା କର୍ବେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମତ୍ସ୍ୟ ଆଉ ପଶୁପାଲନ୍ ଲାଗି ବଜେଟ୍‌ଥି ୧ ହଜାର୍ ୯ ଶହ ୯ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଗୋମାତା ଯୋଜ୍‌ନାର୍ ଲାଗି ୪୬ କୋଟି ଆର୍ ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନା ଲାଗି ଶହେ ୪୬ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ।

ରାଏଜେ ଜଲ୍ ଭିତିଭୂମି ବିକାଶ୍ ଲାଗି ୧ ହଜାର୍ ୩ ଶହ ୧୫ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ପାର୍ବତୀଗିରି ମେଗା ଉଠା ଜଲ୍‌ସେଚନ୍ ପ୍ରକଳ୍ପ ଲାଗି ବଜେଟ୍‌ଥି ୧ ହଜାର୍ ୩ ଶହ ୧୮ କୋଟି ଟଙ୍କା ଆର୍ ତ୍ୱରିତ୍ ଜଲ୍‌ସେଚନ୍ ଲାଭ୍ ଯୋଜ୍‌ନାର୍ ଲାଗି ୧ ହଜାର୍ ୭ ଶହ ୮୬ କୋଟି ଟଙ୍କା ବ୍ୟୟବରାଦ୍ ରଖାଯାଇଛେ । ସେନ୍ତା ଜଲ୍‌ସଂରକ୍ଷଣ୍ ଭିତିଭୂମିର୍ ବିକାଶ୍ ଲାଗି ୮ ଶହ ୮୦ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଆଏବା ବଛର୍ ୨ ଲାଖ୍ ୭୫ ହଜାର୍ ହେକ୍ଟର୍‌ନୁ ଅଏତ୍‌କା ଜମିନ୍‌କେ ପାଏନ୍ ମଡ଼ାବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଏଜେ ନଦୀବନ୍ଧାମାନ୍‌କର୍ ବିକାଶ୍ ଲାଗି ବଜେଟ୍‌ଥି ବ୍ୟୟବରାଦ୍ କରାଯାଇଛେ । ସେଥିର୍‌ଭିତ୍‌ରୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ନବୀକରଣ୍ ଲାଗି ୮ ଶହ ୫୦ କୋଟି ଟଙ୍କା ରଖାଯାଇଛେ । ସେଆଡ଼େ ବଲାଙ୍ଗିର୍ ଲୋୟର୍ ସୁକ୍‌ତେଲ୍ ପ୍ରକଳ୍ପ କାମ୍ ଇ ବଛର୍ ସର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପାନୀୟ ଜଳଜୀବନ୍ ମିଶନ୍ ଜରିଆଥି ୭ ହଜାର୍ କୋଟି ଟଙ୍କା ଖର୍ଚ୍ଚା କରାଯିବାର୍ ସହେତେ ବସୁଧା ଯୋଜ୍ନା ଲାଗି ଇ ବଛର୍ ବଜେଟ୍‌ଥି ୧ ହଜାର୍ ୬ ଶହ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ ।

ଅକ୍ଷୟଶକ୍ତି ଯୋଜ୍ନା ବାବ୍‌ଦେ ୮ ଶହ ୯୦ କୋଟି ଟଙ୍କା ବ୍ୟୟବରାଦ୍ ହେଇଥିବାର୍ ବେଲେ ମୁଖ୍ୟମନ୍ତ୍ରୀ ଶକ୍ତିସଂରକ୍ଷଣ୍ ଯୋଜ୍ନା ଲାଗି ବଜେଟ୍‌ଥି ଶହେ କୋଟି ଟଙ୍କା ବ୍ୟବସ୍ଥା ରଖାଯାଇଛେ ।

ରାଏଜେ ପରିବହନ୍ ବ୍ୟବସ୍ଥାର୍ ବିକାଶ୍ ଲାଗି ୧ ହଜାର୍ ୮୫ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ରାଜ୍ୟରାଜ୍‌ପଥ୍ ମାନ୍‌କୁ ୪ ଥାକିଆ କରାଯିବା ବଲି ସର୍‌କାର୍ ନିଷ୍ପତି ନେଇଛନ୍ । ଇଥିର୍‌ଲାଗି ୬ ହଜାର୍ ୫ ଶହ ୨ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ।

ରାଏଜେ ବନ୍ଦର୍ ମାନ୍‌କର୍ ବିକାଶ୍ ଲାଗି ବଜେଟ୍‌ଥି ୧ ହଜାର୍ ୭ ଶହ କୋଟି ଆଉ ବିମାନ୍ ବନ୍ଦର୍‌ମାନ୍‌କର୍ ବିକାଶ୍ ଲାଗି ୩ ଶହ ୮୨ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ବଜେଟ୍‌ଥି ସ୍ୱାସ୍ଥ୍ୟକ୍ଷେତ୍ରକେ ଅଏତ୍‌କା ଗୁରୁତ୍ୱ ଦେଇକରି ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍ନା ଲାଗି ୬ ହଜାର୍ ୨ ଶହ ୪୯ କୋଟି ଟଙ୍କା ବ୍ୟୟବରାଦ୍ ରଖାଯାଇଛେ । ସେନ୍ତା ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ଲାଗି ୩ ହଜାର୍ ୮ ଶହ ୮୧

କୋଟି ରଖାଯାଇଥିବାର୍ ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଲାଗି ରାଜ୍ୟର୍ ଭାଗ୍ ୨ ହଜାର୍ ୯୧ କୋଟି ଟଙ୍କା ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସେନ୍ତା ଶିକ୍ଷା କ୍ଷେତ୍ରକେ ବର୍‌କସ୍ କର୍‌ବାର୍ ଲାଗି ରାଏଜେ ଲାଗୁ ହେଇଥିବା ଗୋଦାବରିଶ ମିଶ୍ର ଆଦର୍ଶ ଉଚ୍ଚପ୍ରାଥମିକ ବିଦ୍ୟାଲୟ ଲାଗି ୨ ହଜାର୍ ୯ ଶହ ୬୦ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ଆଉ ରାଏଜେ ସମଗ୍ର ଶିକ୍ଷା ଲାଗି ୪ ହଜାର୍ ୬ ଶହ ୮୧ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପର୍ଯ୍ୟଟନ୍‌କେ ଅର୍ଥନୈତିକ୍ ବିକାଶ୍‌ଥି ସାମିଲ୍ କରାଯିବା । ପର୍ଯ୍ୟଟନ୍ ଲାଗି ସର୍‌କାର୍ ୮ ଶହ ୨୦ କୋଟି ଟଙ୍କା ଦେବେ ବଲି ମୁଖ୍ୟମନ୍ତ୍ରୀ ବଜେଟ୍ ଅଧିବେଶନ୍‌ଥି କହିଛନ୍ । ପର୍ଯ୍ୟଟନ୍‌ର ବିକାଶ୍ ଲାଗି ୩ ଶହ ୯୫ କୋଟି ଟଙ୍କା ଖର୍ଚ୍ଚା ହେବା । ସେଆଡ଼େ ହସ୍ତତନ୍ତ ଆଉ ବୟନ ଶିଳ୍ପ ଲାଗି ବଜେଟ୍‌ଥି ଇ ବଛର୍ ଶହେ ୨୨ କୋଟି ଟଙ୍କା ବରାଦ୍ ରଖାଯାଇଛେ ।

ଗାଁର୍ ବିକାଶ୍ ଲାଗି ହେଇଥିବା ଭିନ୍ ଭିନ୍ ଯୋଜ୍‌ନା ଅଧୀନ୍‌ଥି ପ୍ରଧାନ୍‌ମନ୍ତ୍ରୀ ଗ୍ରାମୀଣ୍ ଆବାସ ଯୋଜ୍‌ନା ଲାଗି ୪ ହଜାର୍ ୫ ଶହ କୋଟି, ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଯୋଜ୍‌ନା ଲାଗି ୨ ହଜାର୍ କୋଟି ଆଉ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା ଲାଗି ୨ ହଜାର୍ ୬ ଶହ ୩ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ।

ସେନ୍ତା ମୁଖ୍ୟମନ୍ତ୍ରୀ ସହରୀବିକାଶ୍ ଯୋଜ୍ନା ଲାଗି ୧ ହଜାର୍ ଶହେ କୋଟି ଟଙ୍କା ଆର୍ ସ୍ୱଚ୍ଛ ଭାରତ୍ ମିଶନ୍ (ସହରାଂଚଲ୍) ଲାଗି ୬ ଶହ କୋଟି ଟଙ୍କା ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଏଜେ ଇ ବଛର୍ ୧୨ ଲାଖ୍ ୮୮ ହଜାର୍ ନିଯୁକ୍ତି ସୁଯୋଗ୍ ରଖାଯାଇଛେ ବଲି ଭିଲ୍ ମୁଖ୍ୟମନ୍ତ୍ରୀ ତାଙ୍କର୍ ଅଭିଭାଷଣ୍‌ଥି କହିଛନ୍ । ଓଡ଼ିଆ ଅସ୍ମିତାକେ ତହଁକାବାର୍ ଲାଗି ମୁଖ୍ୟମନ୍ତ୍ରୀ କଲାକାର୍ ଯୋଜ୍ନା ଲାଗି ଶହେ ୯୪ କୋଟି ଟଙ୍କା, ସାଂସ୍କୃତିକ୍ ଅନୁଷ୍ଠାନ୍ ମାନ୍‌କୁ ଅନୁଦାନ୍ ଲାଗି ୭୭ କୋଟି ଟଙ୍କା ଆଉ ଶ୍ରୀଜଗନ୍ନାଥ ଦର୍ଶନ୍ ଯୋଜ୍ନାଥି ୩୦ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇ ବଛର୍ ବଜେଟ୍‌ଥି ମହିଳା ସଶକ୍ତିକରଣ୍ ଲାଗି ଇହାଦେର୍ ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଇଛନ୍ । ସୁଭଦ୍ରା ଯୋଜ୍ନା ଲାଗି ୧୦ ହଜାର୍ ଶହେ ୪୫ କୋଟି, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜ୍ନାଥି ୫ ଶହ ୨୬ କୋଟି, ମମତା ଆଉ ପ୍ରଧାନ୍‌ମନ୍ତ୍ରୀ ମାତୃବନ୍ଦନ୍ ଯୋଜ୍ନାଥି ୫ ଶହ ୨ କୋଟି, ମୁଖ୍ୟମନ୍ତ୍ରୀ କନ୍ୟା ବୀମା ଯୋଜ୍ନାଥି ୧୨ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ । ଛୋଟ୍ ଛୁଆମାନ୍‌କର୍ ଲାଗି ମାଲତୀ ଦେବୀ ପ୍ରାକ୍ ବିଦ୍ୟାଲୟ ପରିଧାନ୍ ଯୋଜ୍ନାର୍ ଭିଲ୍ ଘୋଷ୍ନା କରାଯାଇଛେ । ସେଆଡ଼େ ଖେଲ୍‌ର ବିକାଶ୍ ଲାଗି ୪ ହଜାର୍ ଶହେ ୨୪

କୋଟି ଟଙ୍କା ଖର୍ଚ୍ଚା ହେବା ବଲି ମୁଖ୍ୟମନ୍ତ୍ରୀ ତାଙ୍କର୍ ବଜେଟ୍ ଅଭିଭାଷଣ୍‌ଥି କହିଛନ୍ ।

ପୁରୀ ରଥ୍‌ଯାତ୍ରା-ଏଆଇ କେମ୍‌ରା        ଆର୍‌ଏନ୍‌ୟୁ/

ପୁରୀ ରଥଯାତ୍ରାନ ଇ ବଛର୍ ପହେଲା କରି ଏଆଇ କେମ୍‌ରା ଲଗାଯିବା ବଲି ଏସ୍‌ପି ବିନିତ୍ ଅଗ୍ରୱାଲ୍ କହିଛନ୍ । ଏସ୍‌ପି କହିଛନ୍, ରଥଯାତ୍ରା ବେଲ୍‌କେ ଟ୍ରାଫିକ୍ ଆଉ ଭିଡ଼୍ ନିୟନ୍ତ୍ରଣ ଲାଗି ଏଆଇ କେମ୍‌ରାର୍ ବେଭାର୍ କରାଯିବା । ଜାତୀୟ ରାଜପଥ ବିଭାଗ୍ ସଙ୍ଗେ ମିଶିକରି ଇ ଉପ୍‌ରେ କାମ୍ ମୁଲ୍ ହେଲାନ ବଲି ଏସ୍‌ପି କହିଛନ୍ ।

ରାଜ୍ୟ- ଡାକ୍ତର୍ ପଦ୍‌ବୀ        ଆର୍‌ଏନ୍‌ୟୁ/

ରାଏଜେ ଖାଲି ପଡ଼ିଥିବା  ୫ ହଜାର ୨ ଶହ ୪୮ ଏମ୍‌ବିବିଏସ୍ ଡାକ୍ତର ଆଉ ଶହେ ୨୬ ଦନ୍ତ ଚିକିତ୍ସକ୍ ପଦବୀ ପୂରଣ କର୍‌ବାର୍ ଲାଗି ଲୋକସେବା ଆୟୋଗ୍‌କେ ଅନୁରୋଧ କରାଯାଇଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ ମହାଲିଙ୍ଗ୍ କହିଛନ୍ । ବିଧାନସଭାନ ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର

ଦେଇକରି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍, ସବୁ ଜିଲ୍ଲାର ଡାକ୍ତରଖାନାମାନ୍‌କେ ଡେ କେୟାର୍ ସେଂଟର ଆଉ କେମୋ ଥେରାପି ବ୍ୟବସ୍ଥା କରାଯିବା । ପୁରୁଣା ଭିତିଭୂମିର୍ ବିକାଶ ଲାଗି ୯ଟା ଜିଲ୍ଲାନ ସାଟେଲାଇଟ୍ ସେଂଟର ଖୁଲାଯିବା ଆଉ ସେଠାନେ ୧୦ଟା ଅବ୍‌ଜର୍ଭେସନ୍ ବେଡ୍ ରହେବା ମଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ସିବିଏସ୍‌ଇ ଦଶ୍, ୧୨ କ୍ଲାସ୍ ପରୀକ୍ଷା ଆର୍‌ଏନ୍‌ୟୁ/

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ଦଶ୍ ଆଉ ୧୨ କ୍ଲାସ୍ ପରୀକ୍ଷା ବଲେ୍‌କେ ପ୍ରଶ୍ନପତ୍ର ଲିକ୍ ଗୁଜବ୍‌କେ ଖଣ୍ଡନ୍ କରିଛେ । ଇ ବାବ୍‌ଦେ ସାମାଜିକ୍ ଗଣମାଧ୍ୟମ୍ ନ ପ୍ରଚାର୍ ହଉଥିବା ଗୁଜବ୍‌କେ ବିଶ୍ୱାସ ନାଇ କର୍‌ବାର୍‌କେ ଛାତ୍ରଛାତ୍ରୀ ଆଉ ଅଭିଭାବକ୍‌ମାନଙ୍କୁ ବୋର୍ଡ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଇତାର୍ ଉପରେ ବୋର୍ଡ କଡ଼ା ନଜର୍ ରଖିଛେ ବଲି କହିଛେ ।

ବୌଦ୍ଧ ଜିଲ୍ଲାପାଲ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଆଡ଼େଣିଗଡ଼ ପଂଚାୟତ୍‌ର ୮ ଶହ ଫୁଟ୍ ଉଚା ପାହାଡ଼ ଉପ୍‌ରେ ଥିବା ଦୁର୍ଗମ୍ ଗାଁ ମାନକୁ ଆଏଜ୍ ଜିଲ୍ଲାପାଲ ସୁବ୍ରତ କୁମାର ପଣ୍ଡା ପୁହୁଁଚିକରି ଲୁକ୍‌କର ସୁବିଧା ଅସ୍‌ବିଧା ବୁଝିଛନ୍ । ପାହାଡ଼ ଉପରର୍ ସବେରୀ ସଙ୍ଗେ ଆଉ ୭ଟା ଗାଁକେ ପୁହୁଁଚିବାର୍ ଲାଗି ଜିଲ୍ଲାପାଲଙ୍କ ନେତୃତ୍ୱଥି ପ୍ରଶାସନ୍‌ର ୩୦ ଝନିଆ ଦଲ୍ ୪ କିମି ପାହାଡ଼ିଆ ରାସ୍ତାନ ଚାଲି ଚାଲି ଯାଇଥିଲେ । ରାସ୍ତାଘାଟ୍, ପିଇପାର୍ ପାଏନ୍, ବିଦ୍ୟୁତ୍, ଶିକ୍ଷା ବ୍ୟବସ୍ଥାନୁ ବଂଚିତ୍ ଥିବା ଇ ଗାଁମାନଙ୍କର୍ ଲୁକ୍‌କୁ ସରକାରୀ ସୁବିଧା ପୁହୁଁଚାବାର୍ ବାବ୍‌ଦେ ଅଧିକାରୀମାନଙ୍କର୍ ସଙ୍ଗେ ଆଲୋଚନା କରିଛନ୍ । ଇତାର୍ ସହେତେ ଗାଁର୍ ପାନିର୍ ସମସ୍ୟା ଦେଖିକରି ତୁର୍‌ତି ଗୁଟେ ବନ୍ଧ କୁଡ଼ାବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଜନଅଭିଯୋଗ୍ ଶୁଣାଣି ଶିବିର

ସମ୍ବଲପୁର/ ବୌଦ୍ଧ/ ସୋନ୍‌ପୁର୍/ ଦେବ୍‌ଗଡ଼୍/ ଝାର୍‌ସୁଗୁଡ଼ା/ ବର୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ମିଲିତ୍ ଜନଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ବ୍ଲକ୍ ଠାନେ ଶୁଣାଣି ଶିବିର୍ ନ ୪୪ ଟା ଅଭିଯୋଗ୍ ଆସିଥିଲା ।

ବର୍‌ଗଡ୍ ଜିଲ୍ଲା ସୋହେଲା ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ହେଇଥିବା ଶିବିର୍‌ଥି ୪୮ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ଠାନେ ହେଇଥିବା ଜନଶୁଣାଣିଥି ୬୨ ଟା ଅଭିଯୋଗ୍ ହେଇଥିଲା ବେଲ୍‌କେ ୪୦ ଟା ସମସ୍ୟାର୍ ତୁର୍‌ତି ସମାଧାନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଠାନେ ହେଇଥିବା ଶିବିରଥି ୪୬ ଟା ଅଭିଯୋଗ୍ ଦାଖଲ୍ ହେଇଥିଲା ।

ଝାର୍‌ସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ଠାନେ ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୧୦ ଟା ଅଭିଯୋଗ୍ ଆସିଥିଲା ।

ସେନ୍ତା ଦେବ୍‌ଗଡ୍ ଜିଲ୍ଲା ତିଲେଇବଣି ବ୍ଲକ୍ ଛେପ୍‌ଲିପାଲି ପଂଚାୟତ୍‌ଠାନେ ହେଇଥିବା ଶିବିରଥି ୨୨ ଟା ଅଭିଯୋଗ୍ ଆସିଥିଲା ।

ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ବୁଧବାର୍ ଠାନୁ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷାର୍ ସମ୍ଭାବନା ରହିଛେ । ଗୁରୁବାର୍‌ନୁ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଭିଲ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୨ ଦିନ୍‌ତକ୍ ପାଗ୍‌ଥି ଖାସ୍ କିଛି ପରିବର୍ତନ୍ ନାଇଁ ହୁଏ ।

ରାଜ୍ୟର୍ ସବୁନୁ ଜହ ତାତି ଆଏଜ୍ ବଲାଙ୍ଗିର୍ ନ ୩୬ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା ବେଲେ ଝାର୍‌ସୁଗୁଡ଼ା ନ ୩୬ ଦଶ୍‌ମିକ୍ ୬ ଆର୍ ସୁବର୍ଣ୍ଣପୁର୍ ଆର୍ ବୌଦ୍ଧ ନ ୩୬ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ । ବର୍‌ଗଡ଼୍‌କେ ଛାଡ଼ିକରି ପଶ୍ଚିମ ଓଡ଼ିଶାର୍ ସବୁ ଇଲାକାର୍ ତାତି ଆଏଜ୍ ୩୬ ଡିଗ୍ରୀ ଉପ୍‌ରେ ରହିଥିଲା ।